

Tel: 0671 2508100 (O)
2301001 (R)
Fax: 0671 2301103 (R)
E-mail : dm-ctc@nic.in

**Shri Dattatraya Bhausaheb Shinde,** I.A.S.
Collector & District Magistrate
Cuttack, Odisha

# MESSAGE

I am delighted to know that SAKHI - One Stop Centre, Cuttack continues to stand as a beacon of support, resilience, and hope for countless women who are navigating the challenges of life. Through unwavering dedication and compassion, this center has become a 24 X 7 help centre where women find the strength to reclaim their lives, dignity and future.

As learnt, the Centre is working since March 2019 at SCB Medical College and Hospital Campus, Cuttack with the help of Institute for Social Development (ISD). The journey of Sakhi is one of transformation, from providing shelter and legal aid to offering emotional and psychological support to women for last 6 years.

May SAKHI continue to thrive; may its mission provide hope, care, and empowerment for women and be an example for all to follow.

I congratulate the members associated with SAKHI and wish for another successful year of progress and positive change.

(Dattatraya Bhausaheb Shinde)

Supported By

**Ministry of Women and Child Development, Government of India**



## ସମ୍ପାଦକୀୟ.......

**ଶୁଭଶ୍ରୀ ଦାସ**, ନିର୍ଦ୍ଦେଶିକା
ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ଡେଭଲପମେଣ୍ଟ (ଆଇ.ଏସ୍.ଡି)

# ୬ଷ୍ଠ ବର୍ଷରେ 'ସଖୀ' - ୱାନଷ୍ଟପ୍ ସେଣ୍ଟର, କଟକ

ପ୍ରତିବର୍ଷ ମାର୍ଚ୍ଚମାସର ୮ ତାରିଖକୁ ଆନ୍ତର୍ଜାତିକ ମହିଳା ଦିବସ ଭାବେ ପୃଥିବୀର ସବୁଦେଶରେ ପାଳନ କରାଯାଉଛି । ନାରୀକୁ ସାମ୍ବିଧାନିକ ତଥା ନ୍ୟାୟିକ ଅଧିକାର ଦେବା ଏହି ଦିବସର ଲକ୍ଷ୍ୟ । ସମସ୍ତ ପ୍ରକାରର ନିର୍ଯ୍ୟାତନାରୁ ନାରୀକୁ ମୁକ୍ତିଦେବା ଏହି ଦିବସର ଆହ୍ୱାନ । ନାରୀ ଉପରେ ହେଉଥିବା ନିର୍ଯ୍ୟାତନାକୁ ମୁକ୍ତି ତଥା ସମସ୍ତ ପ୍ରକାର ଅଧିକାର ପ୍ରଦାନ କରିବା ଆମ ସମସ୍ତଙ୍କର ଦାୟିତ୍ୱ ହେବା ଉଚିତ୍ । ତଥାପି ଅର୍ଥନୈତିକ ଓ ସାମାଜିକ ପ୍ରଗତିରେ ଯେଉଁଠି ନାରୀ ପୁରୁଷ ସହ ସମକକ୍ଷ ହୋଇପାରୁଛି, ଠିକ୍ ତା'ର ଅପରପକ୍ଷରେ ନାରୀ ନିର୍ଯ୍ୟାତନା ବୃଦ୍ଧିପାଇବାରେ ଲାଗିଛି । ଦୁଷ୍କର୍ମ, ଯୌତୁକ ନିର୍ଯ୍ୟାତନା, ଛାଡ଼ପତ୍ର, ପାରିବାରିକ ହିଂସା ଆଦି ବିଭିନ୍ନ ନିର୍ଯ୍ୟାତନା ଦିନକୁ ଦିନ ବୃଦ୍ଧିପାଇବାରେ ଲାଗିଛି ।

ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବା ନିର୍ଯ୍ୟାତନା ବନ୍ଦ ହେବାକୁ ହେଲେ, ପ୍ରଥମେ ସେହି ନାରୀଟିକୁ ସଚେତନ ହେବାକୁ ପଡ଼ିବ । ସେ ବୁଝିବା ଦରକାର ନାରୀ ଆଜି ପୁରୁଷଠାରୁ କୌଣସି ଗୁଣରେ ଊଣା ନୁହେଁ । ସେ ଆଜି ସେମାନଙ୍କୁ ବହୁପଛରେ ପକାଇ ଦେଇଛି । ସମସ୍ତ ସଫଳ କ୍ଷେତ୍ରରେ ତା'ର ଯୋଗଦାନ ରହିଛି । ତଥାପି ସେ କାହିଁକି ଅତ୍ୟାଚାର ସହି ନୀରବ ରହୁଛି । ଏ ସମସ୍ତ ନିର୍ଯ୍ୟାତନାରୁ ମୁକ୍ତି ପାଇବାକୁ ହେଲେ ସେ ନିଜେ ସଚେତନଶୀଳ ହୋଇ କୁସଂସ୍କାର ମଧ୍ୟରେ ବୁଡ଼ିନରହି ସଂଘବଦ୍ଧ ଭାବେ ଆଗେଇ ଆସିବା ଉଚିତ୍ । ଏହା ହିଁ ହେବ ଆନ୍ତର୍ଜାତିକ ମହିଳା ଦିବସର ଆହ୍ୱାନ ଓ ସଂଗ୍ରାମ ।

ନାରୀମାନଙ୍କୁ ସମାନ ଅଧିକାର ଦେବାପାଇଁ ଏବେ ବି ବିଶ୍ୱବ୍ୟାପୀ ଆନ୍ଦୋଳନ ଚାଲିଛି । ଏଥିପାଇଁ ପ୍ରତ୍ୟେକ ଦେଶରେ ନାରୀକୁ ପୁରୁଷମାନଙ୍କ ପରି ଅଧିକାର ଦେବାପାଇଁ ନିୟମ ଗଢ଼ାଯାଇଛି । ଆମ ରାଜ୍ୟରେ ମହିଳା କମିଶନ ଗଠନ ହେବା ସଙ୍ଗେ ସଙ୍ଗେ ଜାତୀୟ ସ୍ତରରେ ମଧ୍ୟ ମହିଳା କମିଶନ ଗଠନ କରାଯାଇଛି । ନିର୍ଯ୍ୟାତନାକୁ ରୋକିବା ପାଇଁ ସବୁ ରାଜ୍ୟ ଓ ଜିଲ୍ଲାସ୍ତରରେ ସଖୀ - ୱାନ ଷ୍ଟପ୍ କେନ୍ଦ୍ରମାନ ଖୋଲାଯାଇଛି । ଏହି କେନ୍ଦ୍ରକୁ ଜଣେ ନିର୍ଯ୍ୟାତିତା ମହିଳା ତା'ର ଅଭିଯୋଗ ନେଇ ଆସିଲେ, ତାକୁ ଗୋଟିଏ ଯାଗାରୁ ସମସ୍ତ ପ୍ରକାର ସହାୟତାମାନ ପ୍ରଦାନ କରାଯାଉଛି । ଏବେ କଟକ ଜିଲ୍ଲାର ଖୋଲାଯାଇଥିବା 'ସଖୀ' କେନ୍ଦ୍ର ୬ ବର୍ଷ ପୂରଣ କରିଛି । ବିଗତ ୬ ବର୍ଷ ମଧ୍ୟରେ ଏହି କେନ୍ଦ୍ରର ମୋଟ ୧୩୮୩ ଅଭିଯୋଗ ଯୋଗ ଗ୍ରହଣ କରାଯାଇଥିବାବେଳେ ସେଥି ମଧ୍ୟରୁ ୮୪୨ ଜଣ ମହିଳାଙ୍କର ଅଭିଯୋଗ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇପାରିଛି । ଦେଖାଯାଇଛି ଯେ, ମୋଟ ପଞ୍ଜିକୃତ ଅଭିଯୋଗ ମଧ୍ୟରୁ ଅଧିକାଂଶ ପାରିବାରିକ ହିଂସା ଜନୀତ ଘଟଣା ।

ଶେଷରେ ମୁଁ ଏତିକି କହିବି କେନ୍ଦ୍ର ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ସହାୟତାରେ କଟକ ଜିଲ୍ଲା ପ୍ରଶାସନ ତରଫରୁ ନିର୍ଯ୍ୟାତିତା ମହିଳାମାନଙ୍କୁ ସହାୟତା ଦେବାପାଇଁ ଖୋଲାଯାଇଥିବା 'ସଖୀ' କେନ୍ଦ୍ର ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ହେଲେ ଏଥି ସହିତ ଜଡ଼ୀତ ସମସ୍ତ ଅନୁଷ୍ଠାନ ଯଥା:- ଜିଲ୍ଲା ପ୍ରଶାସନ, ଏସ୍.ସି.ବି. ମେଡିକାଲ, ଜିଲ୍ଲା ଆଇନସେବା ପାଧିକରଣ, ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ମଙ୍ଗଳ କମିଟି, ଶକ୍ତିସଦନ ଆଦି ଅନେକ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷମାନଙ୍କର ସହଯୋଗ ରହିବା ନିହାତି ଜରୁରୀ । ଏହି କେନ୍ଦ୍ରକୁ ପରିଚାଳନା କରିବା ପାଇଁ ଆଇ.ଏସ୍.ଡି. କୁ ଦାୟୀତ୍ୱ ଦେଇଥିବାରୁ ମୁଁ ଜିଲ୍ଲାପାଳ, କଟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଡିନ୍ ଓ ନିର୍ଦ୍ଦେଶକ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଓ.ଏସ୍.ସି.ବି. ମେଡିକାଲ କଲେଜ ଓ ହସ୍ପିଟାଲର କର୍ତ୍ତୃପକ୍ଷଙ୍କୁ ଆନ୍ତରିକ ସାଧୁବାଦ ଜଣାଉଛି । ଧନ୍ୟବାଦ ଦେଉଛି ସଖୀକେନ୍ଦ୍ରର ସମସ୍ତ କାର୍ଯ୍ୟରତ କର୍ମୀମାନଙ୍କୁ ଯାହାଙ୍କ ସହଯୋଗରେ ଏହି ୨୪ X ୭ ଘଣ୍ଟିଆ କାର୍ଯ୍ୟକ୍ରମର ସଫଳ ହୋଇପାରିଛି ।

ଶୁଭଶ୍ରୀ ଦାସ
(ଶୁଭଶ୍ରୀ ଦାସ)

# MESSAGE



**Smt. Puspanjli Parida**
District Social Welfare Officer,
Cuttack

I am glad to know that SAKHI - One Stop Center (OSC) has completed six years since its inauguration on 8th March 2019. The team is energetic and serves as a beacon of hope and support for women in distress - providing essential services to them under one roof. It plays a crucial role in empowering survivors of violence by offering them medical assistance, legal aid, counseling, and shelter. The dedication and commitment of the OSC team ensures that every woman receives care, protection, and guidance she needs to re-build her life with dignity and confidence.

Their unwavering efforts in creating a safer and more supportive society are truly commendable. We deeply appreciate their impactful work and the positive changes they bring to countless lives.



**Prateek Singh,** IPS
Superintendent of Police (Rural)
Cuttack

I am happy to know that SAKHI-One Stop Centre is going to complete six year since its inauguration. SAKHI is another step towards preventing harassment of women and providing better resolution of their complaints. Women are being given all solutions and help at one place. At the SAKHI Centre, they are being counseled, given medical attention and provided with information about Govt. schemes.

I express my gratitude towards the members of SAKHI for their immense contribution towards helping women in distress and wish them all success in their service to the society.



**Prof (Dr.) Sarada P. Swain**
Director cum Medical Superintendent
M.H.I (COE) SCBMCH, Cuttack

ସଖୀ ଓ୍ୱାନ୍ ଷ୍ଟପ୍ କେନ୍ଦ୍ରର ୬ବର୍ଷ ପୂର୍ତ୍ତି ଅବସରରେ ମୁଁ କେନ୍ଦ୍ରର ସମସ୍ତ କର୍ମକର୍ତ୍ତାଙ୍କୁ ଉତ୍ସର୍ଗୀକୃତ ସେବା ମନୋଭାବ ରଖି ସେବା କରିବା ପାଇଁ ପ୍ରେରଣା ଦେଉଛି । ପାରିବାରିକ ହିଂସାର ଶିକାର ହେଉଥିବା ମହିଳା, ଶିଶୁ, ବୃଦ୍ଧ ଓ ବୃଦ୍ଧାମାନଙ୍କୁ ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ ଦେବାପାଇଁ ଉଦ୍ଦିଷ୍ଟ ଏହି କେନ୍ଦ୍ରରେ ଆଇନଗତ ସେବାସହାୟତା ପାଇଁ ରାଜ୍ୟ ଆଇନ୍ ସେବା ପ୍ରାଧିକରଣ ଓ ଚିକିତ୍ସା ସେବା ଯୋଗାଇବା ପାଇଁ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ପ୍ରତିଟି ସୋପାନରେ ସେବା ଯୋଗାଇ ଦେଇ ଆସୁଛି । ଏହି କେନ୍ଦ୍ରଟି ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ମଧ୍ୟରେ ଅବସ୍ଥିତ ହେତୁ, ମାନସିକ ସ୍ୱାସ୍ଥ୍ୟ ସେବା ସମ୍ବନ୍ଧରେ ସଚେତନତା ସବୁ କର୍ମଚାରୀଙ୍କ ମଧ୍ୟରେ ସଠିକ୍ ଭାବେ ଉଦୟମାନ ହୋଇଛି ।

ମନୁଷ୍ୟ ଜୀବନରେ ସାମାଜିକ, ପାରିବାରିକ ବା କର୍ମକ୍ଷେତ୍ରରେ କୌଣସି ସ୍ଥାନରେ ମହିଳାମାନଙ୍କୁ ହିଂସାର ବଶବର୍ତ୍ତୀ ହେଇ କାର୍ଯ୍ୟ ନ କରିବା ପାଇଁ ସଚେତନତା, ସହାୟତା ଓ ଆଇନ୍ ସହାୟତା ହେଉଛି ଏହି କେନ୍ଦ୍ରର ମୂଳ ଲକ୍ଷ୍ୟ, ଯାହାକୁ ଏହି କେନ୍ଦ୍ରର କର୍ମଚାରୀ ଉପଲବ୍ଧି କରି ଅଭିଯୋଗ ପାଇଁ ଆସୁଥିବା ମହିଳାମାନଙ୍କୁ ସହାୟତା କରିଥାନ୍ତି । ଏହି ଅନୁଷ୍ଠାନରେ କାମ କରୁଥିବା ସବୁ କର୍ମଚାରୀମାନଙ୍କୁ ମୋର ଅନେକ ଶୁଭେଚ୍ଛା ଜଣାଉଛି ଓ ଆଶା କରୁଛି ଏହି ଅନୁଷ୍ଠାନ ଜିଲ୍ଲାର ଆଶା ଓ ଆକାଂକ୍ଷା ପୂରଣ କରି ଆଗକୁ ବଢ଼ିବ ।

# MESSAGE



**Jagadish Chandra Jena**
Secretary,
D.L.S.A., Cuttack

I am very happy to learn that Sakhi-One Stop Centre, Cuttack is completely 6 years of journey towards its service to mankind. Under the SAKHI- One Stop Centre integrated services like medical, legal, psycho-social support & temporary shelter is provided under one roof. They also provide necessary support to women facing physical, sexual, emotional, psychological & Economic abuse where they are facilitated with support & redressal irrespective of age, class, caste, education status, marital status, race & Culture.

The District Legal Services Authority, Cuttack is also involved through PLVs in assisting the SAKHI in its initiative since its inception. Accomplishing such an arduous task needs tremendous mindset with stead fast approach.

I would like to express my heartfelt gratitude to all the staffs working at SAKHI including PLVs for their immense contribution in the progress & I wish them all success in every future endeavour.



**Dr. Prasanta Kumar Hota**
Chief District Medical and
Public Health Officer, Cuttack

It is my pleasure to know that SAKHI - One Stop Centre situated in Mental Health Institute (COE) at SCB Medical College & Hospital Campus, Cuttack, is going to complete 6 years of its dedicated service to the women who have exposed to harassment and violence in the society. Since 2019, SAKHI - One Stop Centre is continuously providing all types of support to the victims and their need.

I congratulate all the staffs of SAKHI - One Stop Centre for their real dedicated efforts.

I wish the organization a grand success in future.



**Dr. Lucy Das**
Medical Superintendent
SCB Medical College
& Hospital, Cuttack

I am very happy and proud that SAKHI, One Stop Centre has been working at SCB Medical and Hospital in premises of Mental Health Institute (CoE) since last 6 years. I congratulate all the staff at SAKHI for working day and night (24 X 7) to provide assistance to women's and girls. SAKHI's staff does not hesitate to solve their problems by giving them psycho-social counselling and other assistance like medical, police, legal, and temporary shelter in any situation.

All possible measures were taken by SAKHI for victims of violence so that they can get justice and return to their home and community safely.

I hope SAKHI will continue its work for women and girls and grow further.

# MESSAGE



**Mr. Pramoda K. Acharya**
Chairperson
Child Welfare Committee
Cuttack

I am delighted to know that ONE STOP CENTRE (SAKHI) of Cuttack District is going to complete the sixth year of its establishment on 8th March, 2025. As learnt, the centre is bringing out annual report in commemoration of this occasion with the objective to disseminate its achievements, success stories and best practices with key stakeholders and public at large. It is to the best of my knowledge that One Stop Centre has been rendering commendable services by providing legal assistance, counseling and referral services to women and children who are the victims or vulnerable to violence, abuse and exploitation.

I take this opportunity to extent my heartfelt congratulations to the staffs and management of this centre and the coordinating organization, Institute for Social Development, for their perseverance, dedication and coordinated efforts.

I wish that center shall continue to achieve many more successes in future.



**Smt. Basabi Khadanga,**
BA LLB (H), LLM
Member, Juvenile Justice Board
Cuttack

Definition of 'women' in 'Devi Sukta' of Rigveda declares feminine energy to be the essence of the universe. Feminine the one who creates all matters and consciousness, the eternal and infinite, the metaphysical and empirical reality (Brahaman), the soul (Supreme Self) of everything. The woman is celebrated as the most powerful and empowering force in some Hindu Upanishads.

'SAKHI' - One Stop Centre is an enquiry and versatile organization engaged in upliftment of distressed 'Women and Children' since 5 years and more. It is one stop centre an initiative of Woman and Child Development Department in association with District Administration. It intended to support women affected by violence, in private and public spaces within the family community and at the workplace. To facilitate immediate, emergency and non-emergency access to a range of service including medical, legal, psychological and counselling support under one roof to fight against all kind of violence.

I expressed my gratitude towards the members of SAKHI for their immense contribution for women in distress and wish them all success in their service to the society.



**Smt. Subhra Dash**
Protection Officer

I am extremely happy to know that Sakhi One Stop Center is going to complete 6yrs on 8th March 2025. I congratulate all the member of Sakhi for this achievement. I really appreciate the sincere, dedicated, and positive effort on your part for the upliftment of women specially under privileged class. Your selfless work is really praiseworthy. I wish all success of your organisation in future.

# MESSAGE



**Shri Subash Chandra Ray** (OAS)
Registrar (Administration)
SCBMCH, Cuttack

ମାତୃଭାଷାର କ୍ଷୁଦ୍ର ଶବ୍ଦ ମା'ର ଅର୍ଥ ସମସ୍ତ ବୃହତ୍ତ ଶବ୍ଦଠାରୁ ବ୍ୟାପକ। ମୃତ୍ୟୁପଥର ଅଗଣିତ ଠିକଣା ବିପରୀତରେ ଜନ୍ମର ଏକମାତ୍ର ଧାରକ 'ମା'। ନିର୍ଭୟା ଘଟଣାକ୍ରମରେ 'ସଖୀ'ର ସୃଷ୍ଟି। ରାଜ୍ୟ ସରକାର ଓ ଉନ୍ନତ ଗୋଷ୍ଠୀ ବିଚାର ଆଦର୍ଶରେ ସଂଗଠିତ ବନ୍ଧୁତ୍ୱର ସ୍ୱଭାବରେ ସମର୍ପିତ।

ନୀଚ ମାନସିକତାର ଊର୍ଦ୍ଧ୍ୱରେ ଉଚ୍ଚଭାବନାର ଅନୁସରଣରେ ପଦଚାରଣା କରିବାର ମାଧ୍ୟମ କେବଳ ସେବା। ଅସହାୟ ଓ ବିପନ୍ନ ମାନବର ବିପଦଓ କଷ୍ଟ ସମୟରେ ସହାୟତାରେ ହାତ ବଢ଼ାଇବା 'ସଖୀ'ର ଲକ୍ଷ୍ୟ। ନିଜର ସ୍ୱାର୍ଥ ତ୍ୟାଗରେ ଅନ୍ୟର ମୁଖରେ ହସ ଫୁଟାଇବାର କଳା, ମନରେ ଅପୂର୍ବ ପୁଲକ ଆଣିଥାଏ। ଅହଙ୍କାର, ଗର୍ବର ସୀମା ଓ ଉପସ୍ଥିତିକୁ ପାଦର ଦଳି ସେବାପଥର ଯାତ୍ରୀ ସମାଜରେ ସୃଷ୍ଟିକରେ ଅନନ୍ୟ ଉଦାହରଣ। ନିଃସ୍ୱାର୍ଥପର, ହୃଦୟସ୍ପର୍ଶୀ କର୍ମ ଆଧାରରେ ପାପପୁଣ୍ୟର ବିଚାର ସମ୍ମୁଖକୁ ଆସେ। ନିର୍ଦ୍ଦିଷ୍ଟ ଲକ୍ଷ୍ୟପଥରେ ଉଚ୍ଚ ଆଦର୍ଶକୁ ଭିତ୍ତିକରି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସେବାର ମହାନ ଉଦ୍ଦେଶ୍ୟକୁ ସଫଳ କରାଇ ସେମାନେ ସମାଜର ପ୍ରଧାନ ଶକ୍ତି ଓ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାନ୍ତି। ବର୍ତ୍ତମାନ କଳୁଷିତ ସମାଜରେ ନାରୀ ନିର୍ଯ୍ୟାତନା ଓ ହିଂସା ବୃଦ୍ଧି ପାଇଥିଲେ ମଧ୍ୟ ଏହି 'ସଖୀ' ବା 'ବାନ୍ଧବୀ' ପୀଡ଼ିତାର ସାହସର ମାଧ୍ୟମ ପାଲଟିଛି। ଅନ୍ୟର ହାତ ଧରି ସମ୍ମାନର ସହିତ ବଂଚିରହିବା ଓ ମାନସିକ ଦୃଢ଼ତା ପ୍ରଦାନ କରିବାରେ ସମାଜକୁ ଦେଖାଉଥିବା ଆଲୋକ ସଫଳତାର ସ୍ୱାଦବହନ କରିଥାଏ।

'ସଖୀ' ପରିବାର ସଦସ୍ୟାମାନଙ୍କୁ ବିଭୁକୃପା ପ୍ରାପ୍ତ ହେଉ। ବିସ୍ତୀର୍ଣ୍ଣ ସେବାକ୍ଷେତ୍ରରେ ଅଧିକ ଦକ୍ଷତା ଓ ସାହସିକ ମନୋବୃତ୍ତିରେ କାର୍ଯ୍ୟ ସଂପାଦନରେ ଭଗବାନଙ୍କ ଆଶୀର୍ବାଦ, ସମ୍ମୁଖରେ ଆସୁଥିବା ଆହ୍ୱାନ ଓ ବାଧାବିଘ୍ନକୁ ଅତିକ୍ରମ କରିବାରେ ସଫଳତା ପ୍ରଦାନ କରୁ। ବିଶ୍ୱନିୟନ୍ତାଙ୍କର ପଦାରବିନ୍ଦରେ ଯୋଡ଼ହସ୍ତରେ ମୋର ଏହି ପ୍ରାର୍ଥନା।



**Mr. Jubaraj Swain**
IIC-Bidanasi, Cuttack

ଏସ୍.ସି.ବି. ମେଡିକାଲ ପରିସରରେ କାର୍ଯ୍ୟରତ 'ସଖୀ – ୱାନ ଷ୍ଟପ୍ କେନ୍ଦ୍ର'ର ୬ ବର୍ଷ ପୂର୍ତ୍ତି ଅବସରରେ ମୁଁ ଏହି ସଂଗଠନ ସହ ଜଡ଼ିତ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଉଛି। ପୀଡ଼ିତାଙ୍କୁ ଚିକିତ୍ସା, ଥଇଥାନ ଓ ଆଇନ୍ ସହାୟତା ପ୍ରଦାନ କରି ଏହି ସଂସ୍ଥା ଅନେକ ସୁନାମ ଆଣିଛି। ସବୁଠାରୁ ବଡ଼କଥା ହେଲା ଏହି ସଂସ୍ଥାର କାର୍ଯ୍ୟକର୍ତ୍ତାମାନେ ୨୪ X ୭ ଘଣ୍ଟା ସତର୍କ ରହି ସହାୟତା କାର୍ଯ୍ୟକ୍ରମ ଜାରି ରଖନ୍ତି। ଏହି ସଂଗଠନର ଉତ୍ତୋରତ୍ତର ଉନ୍ନତି କାମନା କରୁଛି। ଆଶା କରୁଛି ଆଗାମୀ ବର୍ଷମାନଙ୍କରେ 'ସଖୀ' କେନ୍ଦ୍ର କଟକ ଜିଲ୍ଲାର ହିଂସାପୀଡ଼ିତା ମହିଳାମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବେ।



**Mr. Umakanta Sahoo**
IIC-Mangalabag
Cuttack

I am extremely delighted that SAKHI - One Stop Center is working delicately for the upliftment of 'Women & Child' in positive approach.

This organisation has been giving medical, legal support with measures of psychological counseling and shelters in a positive environments for perfect socialization.

I wish all success for this organisation in the coming days.

# ସଂକ୍ଷିପ୍ତରେ ସଖୀ - ୱାନ୍ ଷ୍ଟପ୍ ସେଣ୍ଟର

ମହିଳାମାନଙ୍କ ଉପରେ ହେଉଥିବା ହିଂସା ବା ନିର୍ଯ୍ୟାତନାକୁ ରୋକିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଗୁଡ଼ିଏ ସେବା ଯୋଗାଇ ଦେଉଛନ୍ତି । ସେଥିମଧ୍ୟରୁ 'ସଖୀ ୱାନ୍ ଷ୍ଟପ୍ ସେଣ୍ଟର' ଅନ୍ୟତମ । ଆମ ରାଜ୍ୟରେ ପ୍ରାୟ ୩୦ଟି ଜିଲ୍ଲାର ସଦର ମହକୁମାର ସରକାରୀ ମୁଖ୍ୟ ଚିକିତ୍ସାଳୟରେ ଏହି କେନ୍ଦ୍ର ଅସହାୟ ମହିଳାଙ୍କୁ ସହାୟତା ଦେବାପାଇଁ ଖୋଲା ଯାଇଅଛି । ସେହିପରି ଆଇ.ଏସ୍.ଡି. ତରଫରୁ ରାଜ୍ୟର ପ୍ରମୁଖ ବଡ଼ ଡାକ୍ତରଖାନା ଏସ୍.ସି.ବି. ପରିସରରେ ଥିବା ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ତୃତୀୟ ମହଲାରେ 'ସଖୀ' କେନ୍ଦ୍ର କାର୍ଯ୍ୟ କରୁଅଛି । ନିମ୍ନରେ ଏହି କେନ୍ଦ୍ରର କାର୍ଯ୍ୟକ୍ରମ ବିଷୟରେ କିଛି ସଂକ୍ଷିପ୍ତରେ ଦିଆଯାଇଛି ।

- ଏହା ଏକ "ଏକକ ସହାୟତା କେନ୍ଦ୍ର" । ଏହା ୨୪ ଘଣ୍ଟିଆ ଖୋଲା ରୁହେ ।
- ଏହି କେନ୍ଦ୍ର ୨୦୧୯ ମାର୍ଚ୍ଚ ୮ ତାରିଖଠାରୁ କଟକ ଜିଲ୍ଲା ପ୍ରଶାସନ, ଏସ୍.ସି.ବି ମେଡିକାଲ କଲେଜ କର୍ତ୍ତୃପକ୍ଷ ଓ ଆଇ.ଏସ୍.ଡି ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ଉଦ୍ୟମରେ କଟକ ବଡମେଡିକାଲ ପରିସରରେ ଥିବା ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ୩ୟ ମହଲାରେ ଖୋଲାଯାଇଛି ।
- ଏହି କେନ୍ଦ୍ରରେ ଯେ କୌଣସି ପ୍ରକାରର ହିଂସାରେ ପିଡୀତା ମହିଳାମାନଙ୍କୁ ଗୋଟିଏ ସ୍ଥାନରୁ ସମସ୍ତ ପ୍ରକାରର ସହାୟତା ଯଥା- ଡାକ୍ତରୀ ଚିକିତ୍ସା, ଆଇନଗତ ସହାୟତା, ମନସ୍ତାତ୍ତ୍ୱିକ ଓ ସମାଜିକ ପରାମର୍ଶ, ପୋଲିସ ସହାୟତା ଓ ସ୍ୱଳ୍ପ ରହଣୀ ସହିତ ମହିଳାଟିର ଅଭିଯୋଗର ଶୁଣାଣୀ ପାଇଁ ଭିଡିଓ କନଫରେନସ୍‌ର ବ୍ୟବସ୍ଥା କରାଯାଇଛି ।
- ମନସ୍ତାତ୍ତ୍ୱିକ ଓ ସାମଜିକ ପରାମର୍ଶ ପାଇଁ ଏହି କେନ୍ଦ୍ରରେ ଦକ୍ଷତା ସମ୍ପନ୍ନ ପରାମର୍ଶଦାତ୍ରୀ ଓ କେସ୍ ୱାର୍କରମାନଙ୍କୁ ନିଯୁକ୍ତି ଦିଆଯାଇଛି ।
- ସୁରକ୍ଷା ଦୃଷ୍ଟିରୁ ଏହି କେନ୍ଦ୍ରରେ ୨୪ଘଣ୍ଟିଆ ସିକ୍ୟୁରିଟିଗାର୍ଡଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି ।
- ଅତି କମରେ ଜଣେ ପିଡୀତା ମହିଳାଟିକୁ ୫ଦିନ ଏଠାରେ ରହିବାର ବ୍ୟବସ୍ଥା ଥିବା ସଙ୍ଗେସଙ୍ଗେ ସେମାନଙ୍କୁ ଉପଯୁକ୍ତ ଡାକ୍ତରୀ ସୁବିଧା, ଆଇନ ସହାୟତା ଓ ପୋଲିସ ସହାୟତା ଦେବାରେ ଏହି କେନ୍ଦ୍ର ଏକ ବିଶେଷ ଭୂମିକା ପ୍ରଦର୍ଶନ କରିଛି ।
- ସପ୍ତାହରେ ଦୁଇଦିନ ଯଥା- ମଙ୍ଗଳବାର ଓ ଗୁରୁବାର ଜଣେ ଦକ୍ଷ ଆଇନଜୀବୀ ଏବଂ ଜିଲ୍ଲା ଆଇନ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ତରଫରୁ ପ୍ରତି ସୋମବାର ଜଣେ ପାରା ଲିଗାଲ ଭଲ୍ୟୁଂଟର ଆଇନ ସମ୍ବନ୍ଧୀୟ ପରାମର୍ଶ ପାଇଁ ଆସିଥାନ୍ତି ।
- ପରାମର୍ଶ ମାଧ୍ୟମରେ ପିଡୀତା ମହିଳାଟିର ଅଭିଯୋଗକୁ ଭିତ୍ତି କରି ପ୍ରଥମେ ଏହାର ସମାଧାନ ପାଇଁ ଚେଷ୍ଟା କରାଯାଇଥାଏ ।
- ଯଦି ଆପୋଷ ଆଲୋଚନା ମାଧ୍ୟମରେ ଅଭିଯୋଗର ସମାଧାନ ନହୋଇ ପାରିଲା ତେବେ କୋର୍ଟ ଓ ଥାନାର ସାହାର୍ଯ୍ୟ ନେବା ଦିଗରେ ଏହି କେନ୍ଦ୍ର ପିଡୀତା ମହିଳାଟିକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଇଥାଏ ।
- ଦରକାର ସମୟରେ କାର୍ଯ୍ୟରତ କେସ୍ ୱାର୍କରମାନେ ନିକଟସ୍ଥ ଥାନାର ସହାୟତା ନେଇ ପିଡୀତାଟିର ଗୃହ ପରିଦର୍ଶନ କରିଥାନ୍ତି ।
- ଏହା ବ୍ୟତୀତ ସଖୀ କେନ୍ଦ୍ର ବିଷୟରେ ଅଧିକରୁ ଅଧିକ ସାଧାରଣ ଲୋକ ଜାଣିବା ନିମନ୍ତେ ପ୍ରତିମାସରେ କଟକରେ ଥିବା ୱାର୍ଡ ଓ ଗ୍ରାମାଞ୍ଚଳ ମାନଙ୍କରେ ସଖୀ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ କରାଯାଇଥାଏ ।

# 6 Years at a Glance

| Year ( March to Feb ) | Month wise Case Registration Status | | | | | | | | | | | | Total |
|---|---|---|---|---|---|---|---|---|---|---|---|---|---|
| | March | April | May | June | July | Aug | Sept | Oct | Nov | Dec | Jan | Feb | |
| **2019-2020** | 05 | 09 | 15 | 15 | 15 | 16 | 13 | 21 | 16 | 18 | 18 | 15 | **176** |
| **2020-2021** | 14 | 12 | 26 | 18 | 13 | 24 | 28 | 11 | 14 | 16 | 17 | 12 | **205** |
| **2021-2022** | 27 | 19 | 14 | 13 | 28 | 23 | 14 | 17 | 17 | 18 | 12 | 17 | **219** |
| **2022-2023** | 23 | 19 | 26 | 25 | 22 | 16 | 17 | 20 | 20 | 24 | 31 | 14 | **257** |
| **2023-2024** | 33 | 21 | 17 | 15 | 28 | 18 | 18 | 25 | 14 | 15 | 17 | 23 | **244** |
| **2024-2025** | 19 | 22 | 28 | 25 | 27 | 28 | 30 | 16 | 33 | 21 | 17 | 16 | **282** |
| **Total** | **121** | **102** | **126** | **111** | **133** | **125** | **120** | **110** | **114** | **112** | **112** | **97** | **1383** |

| Year ( March to Feb ) | Month wise Case Resolved Status | | | | | | | | | | | | Total |
|---|---|---|---|---|---|---|---|---|---|---|---|---|---|
| | March | April | May | June | July | Aug | Sept | Oct | Nov | Dec | Jan | Feb | |
| **2019-2020** | 05 | 08 | 15 | 08 | 11 | 13 | 12 | 10 | 12 | 14 | 14 | 12 | **134** |
| **2020-2021** | 08 | 07 | 12 | 08 | 06 | 15 | 19 | 08 | 11 | 10 | 13 | 09 | **126** |
| **2021-2022** | 16 | 12 | 09 | 08 | 16 | 18 | 09 | 08 | 10 | 15 | 08 | 10 | **139** |
| **2022-2023** | 19 | 13 | 21 | 19 | 18 | 13 | 14 | 15 | 14 | 12 | 15 | 09 | **182** |
| **2023-2024** | 20 | 11 | 09 | 11 | 13 | 12 | 07 | 17 | 08 | 07 | 10 | 12 | **137** |
| **2024-2025** | 13 | 12 | 13 | 13 | 11 | 09 | 10 | 10 | 12 | 05 | 09 | 07 | **124** |
| **Total** | **81** | **63** | **79** | **67** | **75** | **80** | **71** | **68** | **67** | **63** | **69** | **59** | **842** |

## Type of Cases Registered

| Year ( March to Feb ) | Domestic Violence | Rape | Sexual Offence / Sexual Harassment | Acid Attack | Trafficking of Women | Child sexual abuse | Child Marriage | Missing/ kidnapping/ abduction | Cyber Crime | Dowry Harassment/ Death | Any other crime | Total |
|---|---|---|---|---|---|---|---|---|---|---|---|---|
| 2019-2020 | 150 | 6 | 6 | | | | | 1 | 1 | | 12 | **176** |
| 2020-2021 | 161 | 2 | 2 | | | | | 3 | | 1 | 36 | **205** |
| 2021-2022 | 163 | 9 | | | | | | 14 | | 1 | 32 | **219** |
| 2022-2023 | 183 | 4 | 3 | 1 | | | 1 | 14 | 1 | 1 | 49 | **257** |
| 2023-2024 | 178 | 4 | 3 | | | | | 15 | 1 | | 43 | **244** |
| 2024-2025 | 193 | 14 | 2 | | 2 | 2 | | 26 | 1 | | 42 | **282** |
| **Total** | 1028 | 39 | 16 | 1 | 2 | 2 | 1 | 73 | 4 | 3 | 214 | **1383** |


# ଏ ବର୍ଷ ପଞ୍ଜିକୃତ ହୋଇଥିବା ଅଭିଯୋଗ ସମ୍ବନ୍ଧୀୟ ପରିସଂଖ୍ୟାନ

**(ମାର୍ଚ୍ଚ ୨୦୨୪ ଠାରୁ ଫେବୃୟାରୀ ୨୦୨୫ ପର୍ଯ୍ୟନ୍ତ)**

ମହିଳାମାନଙ୍କ ଉପରେ ହେଉଥିବା ହିଂସା ବା ନିର୍ଯ୍ୟାତନାକୁ ରୋକିବା ସଙ୍ଗେ ସଙ୍ଗେ ନିର୍ଯ୍ୟାତିତା ମହିଳାମାନଙ୍କୁ ସହଯୋଗର ହାତ ବଢ଼ାଇବା ନିମନ୍ତେ କେନ୍ଦ୍ର ଓ  ରାଜ୍ୟ ସରକାରଙ୍କ ସଖୀ - ୱାନ୍ ଷ୍ଟପ୍ ସେଣ୍ଟର ଏକ ବିଶେଷ ପଦକ୍ଷେପ। ଏହା ଏକ ଏକକ ସହାୟତା କେନ୍ଦ୍ର ଓ ନିର୍ଯ୍ୟାତିତା ମହିଳାମାନଙ୍କ ନିମନ୍ତେ ୨୪ଘଣ୍ଟିଆ କାମ କରିଥାଏ। ନିର୍ଯ୍ୟାତିତା ମହିଳାମାନଙ୍କୁ ଠିକ୍ ସମୟରେ ଉପଯୁକ୍ତ ପରାମର୍ଶ ଦେବା ସହିତ ତା'ର ସମସ୍ୟାକୁ ଉପଯୁକ୍ତ ଭାବେ ଗ୍ରହଣ କରି ତାକୁ ନ୍ୟାୟ ଦେବାରେ ଏହି କେନ୍ଦ୍ର ଏକ ପ୍ରମୁଖଭୂମିକା ଗ୍ରହଣ କରିଛି। ନିମ୍ନରେ ଏ ବର୍ଷରେ 'ସଖୀ' କେନ୍ଦ୍ରରେ ପଞ୍ଜିକୃତ ହୋଇଥିବା ଅଭିଯୋଗ ସମ୍ବନ୍ଧୀୟ ପରିସଂଖ୍ୟାନ ଦିଆଗଲା।

**୧. ସମୁଦାୟ ପଞ୍ଜିକୃତ ହୋଇଥିବା ଅଭିଯୋଗ ସଂଖ୍ୟା**


| ମାସର ନାମ | ପଞ୍ଜିକୃତ ଅଭିଯୋଗ |
|---|---|
| ମାର୍ଚ୍ଚ | ୧୯ |
| ଏପ୍ରିଲ | ୨୨ |
| ମଇ | ୨୮ |
| ଜୁନ | ୨୫ |
| ଜୁଲାଇ | ୨୭ |
| ଅଗଷ୍ଟ | ୨୮ |
| ସେପ୍ଟେମ୍ବର | ୩୦ |
| ଅକ୍ଟୋବର | ୩୩ |
| ନଭେମ୍ବର | ୨୧ |
| ଡିସେମ୍ବର | ୧୬ |
| ଜାନୁଆରୀ | ୧୭ |
| ଫେବୃୟାରୀ | ୧୬ |
| **ସମୁଦାୟ** | **୨୮୨** |




**୨. ପରାମର୍ଶ ମାଧ୍ୟମରେ ସମାଧାନ ହୋଇଥିବା ଅଭିଯୋଗ ସଂଖ୍ୟା**


| ମାର୍ଚ୍ଚ | ଏପ୍ରିଲ | ମଇ | ଜୁନ | ଜୁଲାଇ | ଅଗଷ୍ଟ |
|---|---|---|---|---|---|
| ୧୩ | ୧୨ | ୧୩ | ୧୩ | ୧୧ | ୦୯ |

| ସେପ୍ଟେମ୍ବର | ଅକ୍ଟୋବର | ନଭେମ୍ବର | ଡିସେମ୍ବର | ଜାନୁୟାରୀ | ଫେବୃୟାରୀ |
|---|---|---|---|---|---|
| ୧୦ | ୧୦ | ୧୨ | ୦୫ | ୦୯ | ୦୭ |




୩. ବିଭିନ୍ନ ପ୍ରକାରର ହିଂସାରେ ପୀଡ଼ିତା ମହିଳାମାନେ ସେମାନଙ୍କ ଅଭିଯୋଗ ନେଇ ଆସିଥାନ୍ତି । ନିମ୍ନରେ ହିଂସାର ପ୍ରକାର ସମ୍ବନ୍ଧୀୟ ପରିସଂଖ୍ୟାନ ଦିଆଗଲା ।

| ହିଂସାର ପ୍ରକାର | ସଂଖ୍ୟା |
|---|---|
| ପାରିବାରିକ ହିଂସା | ୧୯୩ |
| ଦୁଷ୍କର୍ମ | ୧୪ |
| ଯୌନ ନିର୍ଯ୍ୟାତନା | ୦୨ |
| ମାନବିକ ଚାଲାଣ | ୦୨ |
| ଶିଶୁ ଯୌନ ନିର୍ଯ୍ୟାତନା | ୦୨ |
| ସାଇବର ଠକେଇ | ୦୧ |
| ଅପହରଣ ଏବଂ ନିରୁଦ୍ଦିଷ୍ଟ | ୨୬ |
| ଅନ୍ୟାନ୍ୟ | ୪୨ |
| | |




୪. ନିର୍ଯ୍ୟାତିତା ମହିଳାଟି ଯେତେବେଳେ ସେ ତା'ର ଅଭିଯୋଗ ନେଇ ସଖୀ କେନ୍ଦ୍ରକୁ ଆସିଥାଏ ତାକୁ ତୁରନ୍ତ ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ ଯୋଗାଇଦେବା ସଙ୍ଗେ ଅଭିଯୋଗଟିର ଶୁଣାଣୀକରି ସେ ଚାହୁଁଥିବା ସହାୟତା ମାନ ଯୋଗାଇ ଦିଆଯାଇଥାଏ । ଏହି ବର୍ଷ ଯୋଗାଇ ଦିଆଯାଇଥିବା ବିଭିନ୍ନ ସହାୟତା ସମ୍ବନ୍ଧୀୟ ପରିସଂଖ୍ୟାନ ର ସଂଖ୍ୟା ନିମ୍ନରେ ଦିଆଯାଇଛି ।

| ସହଯୋଗର ନାମ | ସଂଖ୍ୟା |
|---|---|
| ଆଇନଗତ ସହାୟତା | ୫୦ |
| ଡାକ୍ତରୀ ଚିକିତ୍ସା ସମ୍ବନ୍ଧୀୟ ସୁବିଧା | ୭୮ |
| ସ୍ୱାଧାର ଗୃହରେ ରହିବାର ବ୍ୟବସ୍ଥା | ୫୮ |
| ପୋଲିସ ସହାୟତା | ୯୦ |
| ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ | ୨୮୨ |
| ଅନ୍ୟାନ୍ୟ | ୦୯ |





୫. ସମସ୍ତଙ୍କର ଧାରଣା ଯେ, କମ୍ ଶିକ୍ଷାଗତ ଯୋଗ୍ୟତା ଥିବା ମହିଳାମାନେ ଅଧିକାଂଶ କ୍ଷେତ୍ରରେ ନିର୍ଯ୍ୟାତନାର ଶିକାର ହୋଇଥାନ୍ତି କିନ୍ତୁ ଏଠାରେ ଦେଖାଯାଇଛି ଯେ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ ମହିଳାମାନେ ନିର୍ଯ୍ୟାତନାର ଶିକାର ହେଉଛନ୍ତି । ସେହି ବର୍ଗରୁ କେତେଜଣ ମହିଳା ସେମାନଙ୍କର ଅଭିଯୋଗ ନେଇ ଆସିଛନ୍ତି ସେ ସମ୍ବନ୍ଧୀୟ ପରିସଂଖ୍ୟାନ ନିମ୍ନରେ ଦିଆଗଲା ।

| ଯୋଗ୍ୟତା | ସଂଖ୍ୟା |
|---|---|
| କିଛି ପଢି ଲେଖି ଜାଣି ନାହାଁନ୍ତି | ୨୧ |
| କେବଳ ଦସ୍ତଖତ ଜାଣନ୍ତି | ୧୫ |
| ପ୍ରାଥମିକ | ୩୮ |
| ମାଧ୍ୟମିକ | ୧୦୦ |
| ଇଣ୍ଟର ମିଡିଏଟ୍ | ୫୩ |
| ସ୍ନାତକ | ୩୭ |
| ସ୍ନାତକୋତ୍ତର | ୦୯ |
| ବୃତ୍ତିଗତ ପେଷା | ୦୯ |

| ବର୍ଗ | ସଂଖ୍ୟା |
|---|---|
| ସାଧାରଣ | ୧୪୧ |
| ଓ.ବି.ସି | ୪୮ |
| ଅନୁସୂଚିତ ଜାତି | ୬୫ |
| ଅନୁସୂଚିତ ଜନଜାତି | ୧୦ |
| ଖ୍ରୀଷ୍ଟିୟାନ | ୦୩ |
| ମୁସ୍‌ଲିମ | ୧୫ |


୬. ଏହି କେନ୍ଦ୍ରକୁ ଅଭିଯୋଗ ନେଇ ଆସୁଥିବା ଅନେକ ମହିଳା ବିଭିନ୍ନ ମାଧ୍ୟମରେ ଆସିଥାନ୍ତି । ମୋଟ ଆସିଥିବା ୨ ୧ ୯ ଜଣ ମହିଳାଙ୍କ ମଧ୍ୟରୁ କିଏ କାହା ମାଧ୍ୟମରେ ବା କେଉଁମାନେ ଏହି ମହିଳାମାନଙ୍କୁ ଏଠାକୁ ପଠାଇଥିବାରେ ସାହାଯ୍ୟ କରିଛନ୍ତି ନିମ୍ନରେ ତା'ର ଏକ ପରିସଂଖ୍ୟାନ ଦିଆଗଲା –

| ମହିଳାମାନଙ୍କୁ ପଠାଇ ଥିବା ସଂସ୍ଥାର ନାମ | ସଂଖ୍ୟା |
|---|---|
| ପୋଲିସ୍ | ୮୩ |
| ସ୍ୱେଚ୍ଛାସେବୀ ଅନୁଷ୍ଠାନ / ସାମାଜିକ କର୍ମୀ | ୨୦ |
| ୧୮୧ ମହିଳା ହେଲ୍ପଲାଇନ୍ | ୭୭ |
| ସୁରକ୍ଷା ଅଧିକାରୀ | ୦୧ |
| ଅନ୍ୟ ଜିଲ୍ଲା ୱାନ୍‌ଷ୍ଟପ୍ ସେଣ୍ଟର | ୦୬ |
| ଡାକ୍ତର | ୨୧ |
| ଗଣମାଧ୍ୟମ | ୦୭ |
| ମହିଳାଟି ନିଜେ ଆସିଛି | ୩୮ |
| ପୂର୍ବ ପୀଡ଼ିତା | ୦୨ |
| ଜେଣ୍ଡର ସି.ଆର.ପି. | ୦୪ |
| ଅନ୍ୟ (ଓକିଲ, ପି.ଏଲ୍.ଭି., ପାରିତୋଷ, ଇତ୍ୟାଦି) | ୨୩ |




୭. ନିମ୍ନରେ କେଉଁ ବୟସର କେତେ ଜଣ ସେମାନଙ୍କର ଅଭିଯୋଗ ପଞ୍ଜୀକୃତ କରିଛନ୍ତି ତାହାର ତଥ୍ୟ ଦିଆଗଲା ।

| ବୟସ | ସଂଖ୍ୟା |
|---|---|
| ୧୮ରୁ କମ୍ ବୟସ | ୪୩ |
| ୧୯ରୁ ୩୫ ବର୍ଷ ମଧ୍ୟରେ | ୧୭୩ |
| ୩୬ରୁ ୬୦ବର୍ଷ ମଧ୍ୟରେ | ୫୯ |
| ୬୦ ବର୍ଷରୁ ଅଧିକ | ୦୭ |




**ଅଭିଯୋଗ ନେଇ ଆସୁଥିବା ମହିଳାକୁ ସବୁପ୍ରକାର ସହାୟତା ସଖୀ ତରଫରୁ ଯୋଗାଇ ଦିଆଯାଇଥାଏ । ଗୃହ ପରିଦର୍ଶନ ମାଧ୍ୟମରେ ସଖୀରେ କାର୍ଯ୍ୟରତ କେସ୍ ୱାର୍କରମାନେ ଉଭୟପକ୍ଷର ଜଡିତ ବ୍ୟକ୍ତିବିଶେଷକୁ ଅନୁଧ୍ୟାନ କରିପାରନ୍ତି । ସମସ୍ୟାର ସମାଧାନ ପରେ ମହିଳାଟି କିପରି ଅଛି ତା ପରିବାରର ଲୋକମାନଙ୍କର ତା ପ୍ରତିଥିବା ବ୍ୟବହାର କିଭଳି ପରିବର୍ତ୍ତନ ହୋଇଛି ଏସବୁ ଅନୁଧ୍ୟାନ କରିବାପାଇଁ କେସ୍ ୱାର୍କରମାନଙ୍କୁ ମହିଳାଟିର ଘରକୁ ଯିବାକୁ ପଡିଥାଏ । ଗୃହ ପରିଦର୍ଶନ ବେଳେ ସ୍ଥାନୀୟ ପୋଲିସ୍, ୱାର୍ଡମେମ୍ବର ବା ସେହି ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସାମିଲ କରାଯାଇଥାଏ ।**

# ମତାମତ

**'ସଖୀ' କେନ୍ଦ୍ରରେ ପଞ୍ଜିକୃତ ହୋଇଥିବା ଅନେକ ଅଭିଯୋଗ ମଧ୍ୟରୁ କିଛି ଅଭିଯୋଗର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇପାରିଛି । ନିମ୍ନରେ କେତେକ ଯୋଡ଼ି ହୋଇଥିବା ପରିବାରର ମତାମତ ଦିଆଗଲା । ମତାମତଗୁଡ଼ିକ ସେମାନଙ୍କର ନିଜସ୍ୱ ।**



କାମିନୀ ପଟେଲ ମମତା ଶକ୍ତି ସଦନ ର ସୁପରଇନ୍‌ଟେଣ୍ଡେଣ୍ଟଙ୍କ ସହିତ


ମୁଁ କାମିନୀ, ବରଗଡ଼ର ବାସିନ୍ଦା । ଆମ ପରିବାରରେ ଆମେ ଚାରିଭଉଣୀ ଓ ଗୋଟେ ଭାଇ । ଦୁଇ ଭଉଣୀଙ୍କ ବିବାହର କରଜରେ ବୁଡ଼ିହୋଇ ବାପାଙ୍କ ଶରୀର ଆସ୍ତେ ଆସ୍ତେ ଅସୁସ୍ଥ ହୋଇ ପଡ଼ିଯାଉଥିଲା । ମୋର ସାନ ଭଉଣୀର ଶରୀର ଖରାପ ଥିବାରୁ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ଆଣିଥିଲୁ । ଏଠାରେ ଜଣେ ଆୟା ମୋର ବାପାଙ୍କୁ ତାଙ୍କ ପାଖରେ କିଛିଦିନ ରହିବା ପାଇଁ ଅନୁମତି ମାଗିଥିଲେ । ମୋତେ ତାଙ୍କ ଝିଅଭଳି ରଖିବେ ବୋଲି ଆଶ୍ୱାସନା ଦେଇଥିଲେ । ମୁଁ ଏଠାରେ ରହି କିଛି କାମରେ ନିଯୁକ୍ତ ହୋଇଯିବି ଆଶାରେ ବାପା ଓ ମୁଁ ରାଜି ହୋଇଯାଇଥିଲୁ । ମାତ୍ର ପ୍ରଥମ ମାସେ ସବୁ ଭଲ ଚାଲୁଥିଲା । କିଛି ଦିନ ପରେ ସେ ମୋତେ କିଛିଟଙ୍କା ଦେଲେନାହିଁ ଏବଂ ମୋ କାମକୁ ନିନ୍ଦା କରିବା ଆରମ୍ଭ କରିଦେଲେ । ମାନସିକ ପୀଡ଼ା ସହି ନ ପାରି ମୁଁ ତାଙ୍କ ଘରୁ ବାହାରି ଆସି ଶିଖରପୁର ସ୍କୁଲ ପାଖରେ ବସିଥିଲି । ମାଲ୍‌ଗୋଦାମ୍ ଥାନା ମୋତେ 'ସଖୀ' ସେଣ୍ଟରକୁ ଆଣିଥିଲେ । ଏଠାକୁ ଆସି ମୁଁ ମୋର ମନର ବେଦନା ଜଣାଇଥିଲି । ସଖୀ କର୍ମକର୍ତ୍ତା ମୋତେ ମନସ୍ତାତ୍ତ୍ୱିକ ସାମାଜିକ ସହଯୋଗ ପ୍ରଦାନ କରିଥିଲେ । ଧୈର୍ଯ୍ୟର ସହ ମୋର ପ୍ରତି କଥା ଆଦ୍ୟରୁ ପ୍ରାନ୍ତ ଶୁଣିଥିଲେ । ରହିବା ପାଇଁ ମୁଁ ଆଶ୍ରା ମାଗିଥିଲି । ସେମାନେ ମୋର ଘର ଲୋକଙ୍କୁ ଡାକିଥିଲେ ମାତ୍ର ଆର୍ଥିକ ଅବସ୍ଥା ସ୍ୱଚ୍ଛନୀୟ ଥିବାରୁ ସେମାନେ ଆସିପାରିନଥିଲେ । ସଖୀ କର୍ମକର୍ତ୍ତାମାନେ ମୋତେ 'ମମତା ଶକ୍ତି ସଦନ' ଗୃହରେ ରହିବାର ବ୍ୟବସ୍ଥା କରିଥିଲେ । ଏଭଳି ଏକ ନୂଆ ପରିବେଶରେ ରହି ମତେ ବହୁତ ଖୁସି ଲାଗିଲା । ଏଠାରେ ମୁଁ ରହି ଆର୍ଥିକ ଉନ୍ନତିରେ ସହାୟ ନିମନ୍ତେ ବିଭିନ୍ନ ପ୍ରକାର କାରିଗରୀ କୌଶଳ ଯେପରି ସିଲେଇ, ଆଚାର, ପାମ୍ପଡ଼, ବଡ଼ି ତିଆରି କରି ସ୍ୱଛ ରୋଜଗାର କରିପାରିଛି । ବର୍ତ୍ତମାନ ମୁଁ ସ୍ୱଛ ରୋଜଗାର କରିପାରିଛି । ବର୍ତ୍ତମାନ ମୁଁ ମଧ୍ୟ ଏଠାରେ ରହି 'Nursing Training' ନେଉଛି । ଏଥିପାଇଁ ମୁଁ 'ସଖୀ' ସେଣ୍ଟରକୁ ହୃଦୟର ସହିତ ଧନ୍ୟବାଦ ଜ୍ଞାପନ କରୁଛି ।



ପ୍ରିୟମ୍ବଦା ମହାପାତ୍ର ଓ ତାଙ୍କ ପରିବାର

ପ୍ରେମର ଅତୁଟ ବନ୍ଧନରେ ବାନ୍ଧି ହୋଇ ଗୋଟିଏ ସୁନାର ସ୍ୱପ୍ନ ଗଢ଼ିବା ପାଇଁ ୧୯ ବର୍ଷ ବୟସରେ ବିବାହ କରିଥିଲି । ଦୁଇ ପରିବାରକୁ ନିଜର ଭାବି ସଂସାର ଗଢ଼ିଥିଲି । ମାତ୍ର ଯାନିଯୌତୁକ ଆଣି ନଥିବାରୁ ମୋର ସ୍ୱାମୀ ଶାରୀରିକ, ମାନସିକ ନିର୍ଯ୍ୟାତନା ଦେଉଥିଲେ । ବାହାଘରର ମାସେ ପରେ ସ୍ୱାମୀ ମତେ ସନ୍ଦେହ କରି ମାଡ଼ପିଟ ଆରମ୍ଭ କରିଦେଲେ । ମାତ୍ର ଶାଶୁଘରେ ଲୋକେ ମୋତେ ସହଯୋଗ କରନ୍ତି । କିନ୍ତୁ ସ୍ୱାମୀଙ୍କ ଡରରେ କିଛି କହିପାରନ୍ତି ନାହିଁ । ସବୁବେଳେ ନିନ୍ଦା ଓ ଅପମାନ ସହି ସହି ଘରଲୋକଙ୍କୁ ଆପଣେଇ ସଂସାର ଗଢ଼ିଥିଲି । ଆମର ପୁତ୍ର ସନ୍ତାନଟିଏ ଜାତ ହୋଇଥିଲା । ପୁଅଟିର ଜନ୍ମପରେ ସ୍ୱାମୀ କିଛିମାତ୍ରାରେ ପରିବର୍ତ୍ତନ ହୋଇଥିଲେ । ମାତ୍ର କିଛିଦିନ ପରେ ସେ ବାପଘର, ବନ୍ଧୁବାନ୍ଧବଙ୍କ ସହ ସମ୍ପର୍କ ରଖିବାକୁ ମନା କରିଥିଲେ । ସ୍ୱାମୀ ମତେ ଘରେ ବନ୍ଦୀ ଭାବରେ ରଖୁଥିଲେ । ଖାଇବାକୁ, ପିନ୍ଧିବାକୁ ଦେଉନଥିଲେ । ପରିବାର ଲୋକମାନେ ସ୍ୱାମୀଙ୍କ ଦୁର୍ବ୍ୟବହାରକୁ ଡରି ଚୁପ୍ ରହିଯାଉଥିଲେ । ଅସହ୍ୟ ନିର୍ଯ୍ୟାତନା, ଯନ୍ତ୍ରଣାକୁ ସହ୍ୟ କରି ନ ପାରି ମୁଁ ଓ ମୋର ୧୦ ବର୍ଷର ପୁଅକୁ ନେଇ ଘରୁ ଗୋଡ଼ କାଢ଼ି ଆସିଯାଇଥିଲି । ସ୍ୱାମୀଙ୍କ ହିଂସାରେ ଅତିଷ୍ଠ ଓ ପରିବାର ଠାରୁ ବିଚ୍ଛିନ୍ନ ରହି ଆମେ ମା' ପୁଅ ଦୁହେଁ ଏକ ଭଡ଼ା ଘରେ ରହିଥିଲୁ । ମାତ୍ର ମୋ ସ୍ୱାମୀ ଜାଣିପାରିବା ପରେ ମୋତେ ବହୁତ ହଇରାଣ କଲେ । ଗାଳିଗୁଲଜ କରି ଘରକୁ ଫେରାଇ ନେବାପାଇଁ ବାଧ୍ୟ କରିଥିଲେ । ମାତ୍ର ଆମେ ସେଠାରୁ ବାହାରି ଆସି ଆଶ୍ରା ପାଇଁ ଭିକ୍ଷା ଲୋଡ଼ିଥିଲୁ । ଅର୍ଦ୍ଧରାତ୍ରି ହୋଇଯିବାରୁ ଆମେ ଆଶ୍ରୟ ନ ପାଇ ଶିବ ମନ୍ଦିର ଅଗଣାରେ ଶୋଇ ଯାଇଥିଲୁ । ଆମେ ମୁଣ୍ଡୁଳି ନିକଟରେ ରହି ଜାଗା ଜାଣିନପାରି ଏକ ଚାରିଛକରେ ପହଞ୍ଚିଲୁ । ସେଠାରେ ଜଣେ ମହିଳା ସହାୟକ ଆମକୁ 'ସଖୀ'ର ଠିକଣା ଦେଇଥିଲେ । ଆମେ ଏଠାକୁ ଆସି ସମସ୍ତ କଥା ଜଣାଇଥିଲୁ । 'ସଖୀ'ର କର୍ମକର୍ତ୍ତାମାନେ ମତେ ମନସ୍ତାତ୍ତ୍ୱିକ ସାମାଜିକ ପରାମର୍ଶ ଦେଇଥିଲେ । ମୋର ସ୍ୱାମୀଙ୍କୁ ଡକାଇ ସମସ୍ତ କଥା ବୁଝାଇଥିଲେ । ସେମାନେ ଆମ ଦୁହିଁଙ୍କୁ ସର୍ବଦା ପରସ୍ପର କଥା ଶୁଣିବାକୁ ପରାମର୍ଶ ଦେଇଥିଲେ । ସେନିଜର ଭୁଲ୍ ବୁଝିପାରି ସୁନ୍ଦର ସଂସାର ଗଢ଼ିବା ପାଇଁ ଏଠାରେ ପ୍ରତିଶ୍ରୁତି ଦେଇଥିଲେ । ଶେଷରେ ମୁଁ ସଖୀ କର୍ମକର୍ତ୍ତମାନଙ୍କୁ ଧନ୍ୟବାଦ ଜଣାଇବି ଯେ ଯାହାଙ୍କ ପାଇଁ ଆମ ସଂସାର ହସଖୁସିରେ ଚାଲୁଛି । ଏବେ ମୁଁ ମୋ ପରିବାର ସହ ଖୁବ୍ ଖୁସିରେ ଅଛି ।

# ମତାମତ



ସ୍ୱର୍ଣ୍ଣପ୍ରଭା କର ଓ ତାଙ୍କ ପରିବାର

ମାନସିକ ଦୁଶ୍ଚିନ୍ତାର ଶିକାର ହୋଇ ମୁଁ ମୋର ସ୍ୱାମୀ ଓ ପରିବାର ସହ ରହିବାକୁ ଚାହିଁନଥିଲି। ୩୭ ବର୍ଷିଆ ଯୁବତୀ ସ୍ୱର୍ଣ୍ଣପ୍ରଭା ପରିବାରର ସମ୍ମତିରେ କୃଷ୍ଣଚନ୍ଦ୍ରଙ୍କୁ ବିବାହ କରିଥିଲେ। ହସଖୁସିରେ ପରିବାର ଚାଲୁଥିଲା। ଦୁଇ ସନ୍ତାନର ଉପଲବ୍ଧି ହୋଇ ବହୁ ଆନନ୍ଦ ଉଲ୍ଲାସରେ ଜୀବନ କଟୁଥିଲା। ମାତ୍ର କିଛିଦିନ ପରେ ସ୍ୱାମୀ ନିଶାଦ୍ରବ୍ୟ ପାନ କରିବା ଆରମ୍ଭ କରିଦେଲେ। ଗାଳିଗୁଲଜ, ଅକଥନୀୟ ଭାଷା ବ୍ୟବହାର କରି ବେଳେବେଳେ ଘରୁ ବାହାର କରିଦେଉଥିଲେ। ମାନସିକ ନିର୍ଯ୍ୟାତନାର ଶୀକାର ହୋଇ ମୋର ମନ ସର୍ବଦା ଅଶାନ୍ତ ରହୁଥିଲା। ପରିବାର ଲୋକମାନେ ମଧ୍ୟ ମୋତେ ବହୁତ ବୁଝାଇଥିଲେ। ମାନସିକ ଅବସ୍ଥା ଠିକ୍ ନଥିବାରୁ ମୁଁ ରାତିରେ ବେଳେବେଳେ ଘରୁ ଉଠି ବାହାରକୁ ପଳାଇଥାଏ। ମୋର ଏହିପରି ଅବସ୍ଥାକୁ ସୁଧାରିବା ପାଇଁ ମୋର ସ୍ୱାମୀ ଓ ଘରଲୋକ କଟକ ବଡ଼ ମେଡିକାଲର ମାନସିକ ବିଭାଗରେ ଚିକିତ୍ସା କରାଇଥିଲେ। ପ୍ରଥମେ ମୁଁ କିଛି ନ କହି ଚୁପଚାପ୍ ରହୁଥିଲି। ଧୀରେ ଧୀରେ ଚିକିତ୍ସା ପରେ ମୋର ବହୁମାତ୍ରାରେ ଉନ୍ନତି ଆସିଲା। ଘରୋଇ ହିଂସାର କୁପ୍ରଭାବ ଯୋଗୁଁ ଏହା ଘଟିଥିବାର କଥା ଡାକ୍ତର ଜଣାଇଥିଲେ। ମୋର ମାଆ ମୋ ସହ ରହୁଥିଲେ। ସ୍ୱାମୀ କେବେ ଆସି ଦେଖା କରୁନଥିଲେ। ଡାକ୍ତରଙ୍କ ପରାମର୍ଶରେ ମୁଁ ଓ ମୋର ମାଆ 'ସଖୀ' ୱାନ୍ ଷ୍ଟପ୍ ସେଣ୍ଟର ବିଷୟରେ ଜାଣିବାକୁ ପାଇଥିଲୁ। ଏଠାକୁ ଆସି ସମସ୍ତ କଥା ଜଣାଇଥିଲୁ। ସଖୀ କର୍ମକର୍ତ୍ତାମାନେ ମୋର ସ୍ୱାମୀ କୁ ଏଠାକୁ ଡାକିଥିଲେ। ମନସ୍ତାତ୍ତ୍ୱିକ ସାମାଜିକ ପରାମର୍ଶ ଦେଇ ମୋର ସ୍ୱାମୀକୁ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ନ ଦେବା ପାଇଁ ପରାମର୍ଶ ଦେଇଥିଲେ। ଡାକ୍ତରଖାନାର ସମସ୍ତ ସୁବିଧା ଓ ଅସୁବିଧା ବୁଝିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସଂପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ସମସ୍ତ ପ୍ରକାର ଦାୟିତ୍ୱ ନେବେ ବୋଲି ସଖୀରେ ଜଣାଇଥିଲେ। ଅନେକ ଦିନ ଚିକିତ୍ସା ପରେ ମୁଁ ସୁସ୍ଥ ହେଲି। ମୋ ସ୍ୱାମୀ ମୋତେ ସାଙ୍ଗରେ ନେବାପାଇଁ ରାଜି ହେଲେ। ଆଗାମୀ ଭବିଷ୍ୟତରେ ପରସ୍ପରକୁ ସହଯୋଗର ହାତ ବଢ଼ାଇ ମିଳିମିଶି ରହିବୁ ବୋଲି ଆମେ ଦୁହେଁ ପ୍ରତିଶ୍ରୁତି ଦେଇ ସଖୀ କେନ୍ଦ୍ରରୁ ବିଦାୟ ନେଇଥିଲୁ। ଏବେ ମୁଁ ପରିବାର ସହ ଖୁସୀରେ ଅଛି।

ମୁଁ ବାଲେଶ୍ୱର ବାସିନ୍ଦା ସରସ୍ୱତୀ ମହାରଣା। ବାପାମା'ଙ୍କ ସମ୍ମତିକ୍ରମେ ଜଗବନ୍ଧୁ ନାମକ ପିଲା ସହିତ ପ୍ରେମ ବିବାହ କରିଥିଲି। ଭାବିଥିଲି ସ୍ୱାମୀ, ଶାଶୂ, ନଣନ୍ଦ ସମସ୍ତଙ୍କୁ ନେଇ ହସଖୁସିରେ ସଂସାର ଗଢ଼ିବି। କିଏ ବା ଜାଣିଥିଲା ସଂପର୍କର ଦୋଛକିରେ ସଂସାର ଅଟକି ଯିବ। ବିବାହକୁ ୮ ବର୍ଷ ବିତିଯାଇଥିଲେ ବି ଘର ଭିତରେ ନଣନ୍ଦ ଓ ସ୍ୱାମୀ ଓ ମୋ' ଭିତରେ ସର୍ବଦା ଛୋଟ ଛୋଟ କଥାକୁ ନେଇ ଝଗଡ଼ା ସୃଷ୍ଟି ହେଉଥିଲା। ବିବାହ ପରେ ମୋର ଦେହ ଅସୁସ୍ଥ ରହୁଥିଲା। ଏହା ଦେଖି ସ୍ୱାମୀ ଅନ୍ଧବିଶ୍ୱାସର ଶିକାର ହୋଇ ମୋତେ ଭଲ କରିବା ପାଇଁ ଚେଷ୍ଟା କରୁଥିଲେ। ଥରେ କୌଣସି ଏକ ପର୍ବପର୍ବାଣୀ ପଡ଼ିବାରୁ ମୁଁ କହିଲି ତାଙ୍କୁ ଏକ ଶାଢ଼ୀ କିଣିଦେବାକୁ। ମନା କରିଦେଲେ। ଟଙ୍କା ପଇସା ମୋତେ ଦେବାକୁ ଜମା ଇଚ୍ଛା କରୁନଥିଲେ। ତାପରେ ଏହିଭଳି ବିଭିନ୍ନ ପ୍ରକାର ନିର୍ଯ୍ୟାତନା। ଟଙ୍କାର ଅଭାବ ପାଇଁ ମୁଁ ଘରକୁ ପଳେଇ ଆସିଲି। ଆସିବା ସମୟରେ କଟକ ବାଦାମବାଡ଼ି ବସଷ୍ଟାଣ୍ଡରେ ଠିଆହୋଇ କାନ୍ଦୁଥିଲି। ସେଠାରେ ମୁଁ କାନ୍ଦୁଥିବାର ଦେଖି କିଛିଲୋକ ମୋତେ 'ସଖୀ' କେନ୍ଦ୍ରକୁ ଆଶ୍ରୟ ପାଇଁ ପଠାଇଥିଲେ। ସେଠାରେ ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶଦାତ୍ରୀମାନେ ଶାଶୂଘରର ପରିବାର ଏବଂ ମୋ ପରିବାରଙ୍କୁ ଡାକି ବୁଝାସୁଝା କଲେ। ସେବେଠାରୁ ଆମେ ଭଲରେ ଚଳୁଛୁ। ତେଣୁ 'ସଖୀ' ପରିବାରକୁ ଆମ ତରଫରୁ ବହୁତ ବହୁତ ଧନ୍ୟବାଦ ଦେଉଛୁ।



ସରସ୍ୱତୀ ମହାରଣା ଓ ତାଙ୍କ ପରିବାର

# ଲିଙ୍ଗଗତ ହିଂସାମୁକ୍ତି ପାଇଁ ୧୬ ଦିନିଆ ଅଭିଯାନ - ୨୦୨୪

**(ନଭେମ୍ବର ୨୫ରୁ ଡିସେମ୍ବର ୧୦)**

ଲିଙ୍ଗଗତ ବିଭେଦ ଯୋଗୁଁ ମହିଳାମାନେ ସାମ୍ନା କରୁଥିବା ହିଂସା ବିରୋଧୀ ୧୬ ଦିନିଆ ଅଭିଯାନଟି ହେଉଛି ଏକ ଆନ୍ତର୍ଜାତୀୟ ଅଭିଯାନ। ଏହା ପ୍ରଥମେ ୧୯୯୧ ମସିହାରେ ସେଣ୍ଟର ଫର୍ ଓ୍ୱମେନସ୍ ଗ୍ଲୋବାଲ ଲିଡରସିପ୍ ଦ୍ୱାରା ଆରମ୍ଭ ହୋଇଥିଲା। ଏହି ଅଭିଯାନଟି ୨୫ ନଭେମ୍ବର ଆନ୍ତର୍ଜାତୀୟ ମହିଳା ହିଂସା ବିରୋଧୀ ଦିବସରୁ ଆରମ୍ଭ ହୋଇ ଡିସେମ୍ବର-୧୦ ଆନ୍ତର୍ଜାତୀୟ ମାନବ ଅଧିକାର ଦିବସ ପର୍ଯ୍ୟନ୍ତ ଚାଲିଥାଏ। ମହିଳା ବିରୋଧୀ ହିଂସା ବିଷୟକୁ ମାନବ ଅଧିକାର ସୂଚୀରେ ସ୍ଥାନିତ କରିବା ପରିପ୍ରେକ୍ଷୀରେ ଏହି ୨ଟିଦିନ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ୧୮୭ଟି ଦେଶର ୫୧୬୭ ସଂଗଠନ ଏହି ଅଭିଯାନଟିରେ ୧୯୯୧ ମସିହାଠାରୁ ସାମିଲ ଅଛନ୍ତି। ମହିଳା ବିରୋଧୀ ହିଂସା ହେଉଛି କ୍ରମାଗତ ଭାବରେ ମାନବ ଅଧିକାର ଉଲ୍ଲଂଘନର ବିଷୟ। ପୁଣି ଲିଙ୍ଗଗତ ବିଭେତ ଜନିତ ହିଂସା କହିଲେ ସାଧାରଣତଃ ଲିଙ୍ଗଗତ ଅସମାନତା ତଥା ସମାଜରେ ମହିଳାମାନଙ୍କର ନ୍ୟୁନତମ ସ୍ଥିତିରୁ ଉତ୍ପନ୍ନ ହେଉଥିବା ବିଭିନ୍ନ ପ୍ରକାର ହିଂସାକୁ ବୁଝାଇଥାଏ। ଏହି ପରିପ୍ରେକ୍ଷୀରେ 'ସଖୀ' କଟକ କେନ୍ଦ୍ର ତରଫରୁ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ମିଳିତ ସହଯୋଗରେ ଅନେକ ଗୁଡ଼ିଏ ସଚେତନତା କାର୍ଯ୍ୟକ୍ରମମାନ ଆଲୋଚନା କରାଯାଇଥିଲା। ଏହି ଅଭିଯାନର ସରକାରୀ, ବେସରକାରୀ ଅନୁଷ୍ଠାନ, ସ୍କୁଲ୍, କଲେଜ ଓ ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀମାନେ ସାମିଲ ହୋଇଥିଲେ।


















# GLIMPSES...



Release of SAKHI Annual Report-2024 by Shri Vineet Bhardwaj, I.A.S., Collector & District Magistrate, Cuttack







Visit of Ms. Monisha Banerjee, IAS, Director, Social Welfare, W&CD Dept. Govt. of Odisha







Visit of  Counselors and Advocate to Shakti Sadan

## ଗଣମାଧ୍ୟମରେ ସଖୀ



Women & Child Development, Government of Odisha

Smt. Monisha Banerjee, Director W&CD Dept., visited the One Stop Center in Cuttack, sharing her valuable insights for enhancing services to support women in distress. Together, we aim to build a safer and more supportive society. #empoweringwomen Ministry of Women & Child Development, Government of India CMO Odisha Prabhati Parida UNICEF India UNFPA India Information & Public Relations Department, Government of Odisha Health & Family Welfare Department, Government of Odisha CUTTACK

Women & Child Development Department
Government Of Odisha

Strengthening Support: Smt. Monisha Banerjee's Visit to One Stop Center, Cuttack



e-paper:www.odiyarasanmana.com

ଓଡ଼ିଆର ସମ୍ମାନ

ODIYARA SANMANA

ଦୈନିକ ସମ୍ବାଦପତ୍ର

ସଖୀ ୱାନ୍ ଷ୍ଟପ୍ ସେଣ୍ଟରର ବାର୍ଷିକ ପୁସ୍ତକ ଉନ୍ମୋଚିତ



ସଖୀ ୱାନ୍ ଷ୍ଟପ୍ ସେଣ୍ଟରର ବାର୍ଷିକ ପୁସ୍ତକ ଉନ୍ମୋଚିତ

RADHA GOBINDO ROY GRANDSON JEWELLERS

22 CT GOLD (10 gm)

₹ 60,100.00



ପ୍ରମେୟ

CUTTACK 26 Nov, 2024

ଲିଙ୍ଗଗତ ଭେଦଭାବ ଦୂରୀକରଣ ସଚେତନତା







Observation of International Yoga Day







Awareness Programme







Visit of District Officials








Visit of Nursing Students and Law interns

***For more information contact***

**SAKHI - ONE STOP CENTER**
3rd Floor, Mental Health Institute (MHI) (COE)
SCB Medical College & Hospital, Cuttack
Ph. : 0671-2410141, 9938972817
Email : osccuttack@gmail.com, onestopcentercuttack

*Institute for Social Development*
Plot No.-95 Phase-II, Kanan Vihar
P.O.-Patia, Bhubaneswar-751031, Odisha, India
Ph: + 91-674-2726756, Mob. : 9437018141, 9124712347
E-mail: isd_bbsr@rediffmail.com, to@isdbbsr.org, Web: www.isdbbsr.org